## ଅରିନ୍ଦମ୍‌ଙ୍କୁ ଗିରଫ ଦାବିରେ ଟାଙ୍ଗୀ ଥାନାରେ ଏତଲା

# 'ଚାରଣି-ଆଠଣା' ଓ ଆଳୁ-ତେଲ ଦେଖାଇଲେ ସାମ୍ବାଦିକ




ଟାଙ୍ଗୀ,୨୦।୫(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧିକାରୀଙ୍କୁ ନାଲିଆଖି ଦେଖାଇବା ଏବଂ ପରେ ଫେସବୁକ ଲାଇଭ୍‌ରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ 'ଚାରଣି-ଆଠଣା' କହି କଟାକ୍ଷ କରିବା ଘଟଣାରେ ବିଜେପି ନେତା ଅରିନ୍ଦମ ରାୟଙ୍କ ଅଡୁଆ ଆହୁରି ବଢ଼ିବାରେ ଲାଗିଛି। ଅରିନ୍ଦମଙ୍କ ଏଭଳି ଅପମାନଜନକ ମନ୍ତବ୍ୟ ପ୍ରତିବାଦରେ ଆଜି ବୁଧବାର ଟାଙ୍ଗୀ-ଚୌଦ୍ୱାର ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏକାଠି ହୋଇ ଟାଙ୍ଗୀ ଥାନାରେ ଏକ ଏତଲା

- ପୁଲିସ ସୁରକ୍ଷା ବଳୟରେ ବ୍ଲକକୁ ଆସିଲେ ବିଜେପି ନେତା
- ବନ୍ଦ କୋଠରିରେ ବିଡିଓଙ୍କ ସହ ୧୫ ମିନିଟ୍ ଆଲୋଚନା
- ଯିବା ବେଳେ ଘେରିଲେ ଗଣମାଧ୍ୟମ ପ୍ରତିନିଧି

ଦେଇଛନ୍ତି। ସାମ୍ବାଦିକମାନେ ଥାନା ଆଇଆଇସି ବିକାଶ ସେଠୀଙ୍କୁ ଭେଟି ଅରିନ୍ଦମଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଯଦି ଆଗାମୀ ଦିନରେ ତାଙ୍କୁ ଗିରଫ କରା ନ ଯାଏ, ତେବେ ଟାଙ୍ଗୀ ଥାନା ଘେରଉ କରାଯିବ ବୋଲି ସାମ୍ବାଦିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଅପରପକ୍ଷରେ, ସଙ୍ଗୀନ ମାମଲା ରୁଜୁ ହୋଇଥିବା ସତ୍ତ୍ୱେ ଆଜି ଅଭିଯୁକ୍ତ ବିଜେପି ନେତା ଅରିନ୍ଦମ ରାୟ ଓ ଅଭୟ ବାରିକ ପୁଲିସ ସୁରକ୍ଷା ବଳୟ ମଧ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ସେମାନେ ସିଧାସଳଖ ବିଡିଓ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝାଙ୍କ ପ୍ରକୋଷ୍ଠକୁ ପ୍ରବେଶ କରିଥିଲେ। ସେହି ସମୟରେ ବିଡିଓଙ୍କ ସହ ତହସିଲଦାର ପ୍ରଜ୍ଞାନନ୍ଦ ଦାସ, ଏବିଡିଓ ଶାଶ୍ୱତ କୁମାର ଜେନାଙ୍କ ସମେତ କିଛି ମହିଳା କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ମାତ୍ର ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସମୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭିତରକୁ ଯିବାକୁ ଅନୁମତି ଦିଆଯାଇ ନ ଥିଲା। ବନ୍ଦ କୋଠରି ଭିତରେ ପ୍ରାୟ ୧୫ ମିନିଟ୍ ଧରି ଆଲୋଚନା ଚାଲିଥିଲା। ବିଡିଓଙ୍କ ସହ ଆଲୋଚନା ସାରି ଅରିନ୍ଦମ ଓ ଅଭୟ ସେଠାରୁ ବାହାରି ସିଧା ନିଜ ଗାଡ଼ି ଆଡ଼କୁ ଯାଇଥିଲେ। ସେଠାରେ ଉପସ୍ଥିତ ସାମ୍ବାଦିକମାନେ ପ୍ରତିକ୍ରିୟା (ବାଇଟ୍) ମାଗିଥିଲେ ମଧ୍ୟ ସେମାନେ କୌଣସି ଜବାବ ନ ଦେଇ ଗାଡ଼ିରେ ବସି ଚାଲିଯିବାକୁ ଚେଷ୍ଟା କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ସାମ୍ବାଦିକମାନେ ଅରିନ୍ଦମଙ୍କୁ ତାଙ୍କରି ଶୈଳୀରେ ଜବାବ ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ହାତରେ 'ଚାରଣି-ଆଠଣା' (୨୫ ପଇସା, ୫୦ ପଇସା) ଏବଂ ଆଳୁ ଓ ତେଲ ଦେଖାଇ ଅରିନ୍ଦମଙ୍କୁ ତୀବ୍ର କଟାକ୍ଷ କରିବା ସହ ପ୍ରତିବାଦ କରିଥିଲେ, ଯାହାକୁ ନେଇ ବ୍ଲକ ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମଗ୍ର ଘଟଣା ସମ୍ପର୍କରେ ପରେ ଗଣମାଧ୍ୟମ ପକ୍ଷରୁ ବିଡିଓ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝାଙ୍କୁ ପଚରାଯାଇଥିଲେ ମଧ୍ୟ ପ୍ରଥମେ ସେ କୌଣସି ମତ ଦେବାକୁ ମନା କରିଦେଇଥିଲେ। ତେବେ ପରେ ସେ କହିଥିଲେ ଯେ ବିଜେପି ନେତାମାନେ ବ୍ଲକ ଅଞ୍ଚଳର କିଛି ସମସ୍ୟା ଓ ଅଭିଯୋଗ ନେଇ ଆସିଥିଲେ। ସେହି ଅଭିଯୋଗଗୁଡ଼ିକର ଉପଯୁକ୍ତ ତଦନ୍ତ କରାଯାଇ ଆଗାମୀ ଦିନରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରୀ ଅଧିକାରୀଙ୍କୁ ଧମକ ଓ ସାମ୍ବାଦିକଙ୍କୁ ଅପମାନ ମାମଲାରେ ପୁଲିସର ଏଭଳି ସୁରକ୍ଷାମୂଳକ ଆଭିମୁଖ୍ୟକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# ଅପରାଧିକ ମାମଲା ଥାଇ ପୁଲିସ ସୁରକ୍ଷା; ପ୍ରତିବାଦ କଲା ବିଜେଡି

ଟାଙ୍ଗୀ,୨୦।୫(ସମିସ): ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ବିଡ଼ିଓ ଶାଶ୍ୱତ କୁମାର ଜେନାଙ୍କ ସମେତ ଅନ୍ୟ କେତେକ ଅଧିକାରୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଘଟଣା ଏବେ ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଲାଗି ରହିଥିବା ବେଳେ ବୁଧବାର ପୂର୍ବାହ୍ନରେ ଏକ ନୂଆ ମୋଡ଼ ଦେଖିବାକୁ ମିଳିଛି। ଘଟଣାର ଅଭିଯୁକ୍ତ କୁହାଯାଉଥିବା ବିଜେପି ନେତା ଅରିନ୍ଦମ୍ ରାୟ ଓ ଅଭୟ ବାରିକ କଡ଼ା ପୁଲିସ ସୁରକ୍ଷା ବଳୟ ମଧ୍ୟରେ ଆସି ବିଡ଼ିଓ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝାଙ୍କୁ ଭେଟିଛନ୍ତି ଏବଂ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପୁଲିସର ଏଭଳି ଆଭିମୁଖ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ବାତାବରଣ ଗରମ ହେବାରେ ଲାଗିଛି। ଉକ୍ତ ଘଟଣାକୁ ନେଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କନ୍ଦ୍ରେଇପୁର ପଞ୍ଚାୟତ ନିମାଇସାପୁରସ୍ଥ ଦଳୀୟ କାର୍ଯ୍ୟାଳୟ ପରିସରରେ ବିଜେଡ଼ି ପକ୍ଷରୁ ଏକ ଜରୁରୀ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ପୁଲିସର ଏଭଳି କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରାଯାଇଛି। ଦଳୀୟ ନେତାମାନେ



ଅଭିଯୋଗ କରିଛନ୍ତି ଯେ, ସରକାରୀ ବାବୁଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଦୁଇ ବିଜେପି ନେତା ଓ ସେମାନଙ୍କ ସହଯୋଗୀଙ୍କ ନାମରେ ଅପରାଧିକ ମାମଲା ରୁଜୁ ହୋଇଛି। ଏହା ସତ୍ତ୍ୱେ ପୁଲିସ୍ ସେମାନଙ୍କୁ ଗିରଫ କରିବା ପରିବର୍ତ୍ତେ ଜଣେ ଜଣେ ଭ୍ୱାଇଁ ସଦୃଶ ସୁରକ୍ଷା ଯୋଗାଇ ବ୍ଲକ କାର୍ଯ୍ୟାଳୟକୁ ଆଣିବା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏକ ଚରମ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ଓ ପ୍ରଶାସନର ଏହି ପକ୍ଷପାତିତା ଜାରି ରହିଲେ ଆଗାମୀ ଦିନରେ ବିଜୁ ଜନତା ଦଳ ଆନ୍ଦୋଳନକୁ ବ୍ୟାପକ ଓ ଜୋରଦାର କରିବ ବୋଲି ଚେତାବନୀ ଦିଆଯାଇଛି। ବ୍ଲକ ବିଜେଡ଼ି ସଭାପତି ଧିରେନ୍ଦ୍ର ଜେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ପ୍ରମୁଖ ଚେହେରାମାନେ ସାମିଲ ହୋଇ ପ୍ରଶାସନ ବିରୋଧରେ ଗର୍ଜିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ସମ୍ପାଦକ ସେକ୍ ସାହାଜାନ୍, ବିଜେଡି ସଂଗଠକ ସୁବୋଧ କୁମାର ସାମଲ, ସରୋଜ ଖଟୁଆ, ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଲକ୍ଷ୍ମଣ ରାଉତ, ସୁକାନ୍ତ ରାଉତ ଏବଂ ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ରହି ପ୍ରଶାସନିକ ଦୋଗଲା ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ।

## ରାଜ୍ୟରେ ବଢୁଛି ପଶୁତୁଲ୍ୟ ଭିଡ଼ହିଂସା

# ବାଲିଅନ୍ତା ଭିଡ଼ହିଂସାକୁ ମାନୁନାହାନ୍ତି ସରକାର

ଭୁବନେଶ୍ୱର,୨୦।୫(ସମିସ): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ଓଡ଼ିଶାରେ ଏବେ ଆଶ୍ଚର୍ଯ୍ୟଜନକ ଭାବେ ଭିଡ଼ହିଂସା, ହତ୍ୟା ଓ ଦୁଷ୍କର୍ମ ବୃଦ୍ଧି ପାଇବାରେ ଲାଗିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ବୁଧବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ସୁଧାଂଶୁ ଦେଓ କହିଛନ୍ତି ଯେ ହତ୍ୟା, ଦୁଷ୍କର୍ମ ଓ ଗଣଦୁଷ୍କର୍ମରେ ଓଡିଶା ଏକ ନମ୍ବର ହୋଇ ବଦନାମ ଅର୍ଜନ କରୁଛି। ବର୍ତ୍ତମାନ ପଶୁତୁଲ୍ୟ ଭିଡହିଂସା ଲଗାତାର ଘଟିବା, ରାଜ୍ୟବାସୀଙ୍କ ପାଇଁ ଉଦବେଗର ବିଷୟ ପାଲଟିଛି। ବିଜେପି ସରକାର ଆସିବା ଦିନଠୁ ରାଜ୍ୟରେ ଅପରାଧ ବୃଦ୍ଧି ପାଇବାର ମୁଖ୍ୟ କାରଣ ଭାବେ ସେ ବିଜେପି ଓ ଆରଏସଏସର ବିଭାଜନକାରୀ ହିଂସ୍ର ବିଚାରଧାରା ବୋଲି ସେ କହିଛନ୍ତି। କେତେବେଳେ ବାଂଲାଦେଶୀ ନାମରେ ତ କେତେବେଳେ ଗୋରୁଚାଲାଣ ନାମରେ ଭିଡ ହିଂସା କରି ହତ୍ୟା କରା ଯାଉଛି। ବାଲିଅନ୍ତା, କଣାସ ପୁଣି ବ୍ରହ୍ମପୁର ସାରା ରାଜ୍ୟରେ ଭିଡ଼ହିଂସା ବ୍ୟାପି ଗଲାଣି ଅଥଚ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ସରକାରଙ୍କ ନୀରବତା ଅପରାଧୀଙ୍କୁ ଅଧିକ ଅପରାଧ ଘଟାଇବା ପାଇଁ ପ୍ରଶ୍ରୟ ଯୋଗାଉଛି। ଆଶ୍ଚର୍ଯ୍ୟର କଥା ଭିଡିଓ ମାଧ୍ୟମରେ ସାରା ଓଡିଶା ବାଲିଅନ୍ତାର ବର୍ବର ଭିଡହିଂସା ଦେଖିଲା। କିନ୍ତୁ ସରକାର ଭିଡ଼ ହିଂସା ଘଟିନି ବୋଲି କହିଲେ। ଏହାଠାରୁ ବଳି ଦୁର୍ଭାଗ୍ୟଜନକ ଘଟଣା କ'ଣ ହୋଇ ଥାଇପାରେ ବୋଲି ଶ୍ରୀ ଦେଓ ପ୍ରଶ୍ନ କରିଛନ୍ତି।

ସମ୍ମିଳନୀରେ ଉପସ୍ଥିତ ଥିବା ନିମାପଡା ବିଧାୟକ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ କହିଲେ, ବିଜେପିର ନେତା, ମନ୍ତ୍ରୀ, ଅଫିସର/ଅମଲାଙ୍କୁ ସର୍ବସାଧାରଣରେ ଧମକ ଚମକ ଦେଉଛନ୍ତି। ଯେଉଁଠି ଅପରାଧ ଘଟୁଛି ଅପରାଧୀର ସ୍ଥାନୀୟ ଶାସକ ଦଳର ନେତାଙ୍କ ସହ ସମ୍ପର୍କ ଥିବା ସୂଚନା ମିଳୁଛି। ହତ୍ୟା, ଡକାୟତି, ଗୁଣ୍ଡାଗିରି, ଦୁଷ୍କର୍ମ ଆଦି କାର୍ଯ୍ୟକଳାପ କଲେ ରାଜନୈତିକ ନେତା ହୋଇ ପାରିବ ବୋଲି ଯୁବ ସମାଜକୁ ବାର୍ତ୍ତା ଦେଉଛନ୍ତି କି




ବୋଲି ସେ ପ୍ରଶ୍ନ କରିଛନ୍ତି। ଗୃହବିଭାଗ ବିଷୟରେ ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିବୃତି ନଦେଇ ଆଇନ ମନ୍ତ୍ରୀ କାହିଁକି ଗୃହବିଭାଗ କାର୍ଯ୍ୟ ବିଷୟରେ ମୁଣ୍ଡ ଖେଳାଉଛନ୍ତି ବୋଲି ଶ୍ରୀ ରାଉତରାୟ ପ୍ରଶ୍ନ ପଚାରିଛନ୍ତି। ସମ୍ମିଳନୀରେ ଉପସ୍ଥିତ ପିସିସି ମୁଖପାତ୍ର ହିମାଂଶୁ ଲେଙ୍କା ସରକାରଙ୍କ ଅପାରଗତାକୁ ଖୁବ ସମାଲୋଚନା କରି ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଆଇନ ଶୃଙ୍ଖଳାକୁ ନେଇ ଘୋର ଆନ୍ଦୋଳନ କରାଯିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାପାନ କନ୍‌ସୁଲ ଜେନେରାଲ

ଭୁବନେଶ୍ୱର,୨୦।୫(ସମିସ): କୋଲକାତାରେ ଅବସ୍ଥାପିତ ଜାପାନର କନସୁଲ୍ ଜେନେରାଲ ଇସିକାୱା ୟୋସିହିସା ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଜାପାନ ଓ ଓଡ଼ିଶା ମଧ୍ୟରେ ସହଭାଗୀତା ବୃଦ୍ଧି ପାଇଁ କନସୁଲ ଜେନେରାଲ ମୁକ୍ୟମନ୍ତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର

- ବାଣିଜ୍ୟ, ପର୍ଯ୍ୟଟନ ଏବଂ ଶିକ୍ଷା ବିନିମୟ କ୍ଷେତ୍ରରେ ଜାପାନ ଓ ଓଡ଼ିଶାର ସହଭାଗୀତା ସୁଦୃଢ଼ ହେବ
- ଜାପାନର 'ତୋତ୍ତୋରି' ଓ ଓଡ଼ିଶା 'ସିଷ୍ଟର ଷ୍ଟେଟ୍‌ସ' ଭାବରେ କାର୍ଯ୍ୟକରିବେ

ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପରେ ଜାପାନର ସହଯୋଗ ଏବଂ କ୍ରମବର୍ଦ୍ଧିଷ୍ଣୁ ବାଣିଜ୍ୟିକ ସମ୍ପର୍କ ପାଇଁ ଜାପାନର ଉଚ୍ଚ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଜାପାନ ଓଡ଼ିଶାରେ ଅଧିକ ନିବେଶ କରିବା ସହିତ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

କନସୁଲ ଜେନେରାଲ୍ ମିଷ୍ଟର ଇସିକାୱା ଉଭୟ ଜାପାନ ଓ ଓଡ଼ିଶା ମଧ୍ୟରେ ଥିବା ଐତିହାସିକ କଳା, ଐତିହ୍ୟ ଓ ସାଂସ୍କୃତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶ ଉଦ୍ୟମରେ ଜାପାନ ସବୁବେଳେ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଜାପାନର ଏକ ରାଜ୍ୟ 'ତୋତ୍ତୋରି' ଓ ଓଡ଼ିଶା ମଧ୍ୟରେ ସହଭାଗୀତା ହେବ। ଏହି ଉଭୟ ରାଜ୍ୟ 'ସିଷ୍ଟର ଷ୍ଟେଟ୍‌ସ' ଭାବରେ କାର୍ଯ୍ୟ କରିବେ। ଉଭୟ ରାଜ୍ୟର ଉଚ୍ଚସ୍ତରୀୟ ଡେଲିଗେସନ ଆଗାମୀ ଦିନରେ ପରସ୍ପର ରାଜ୍ୟକୁ ଗସ୍ତ କରିବେ। ପରବର୍ତ୍ତୀ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ତୋତ୍ତୋରି'ର ରାଜ୍ୟପାଳ ଏହି ପାର୍ଟନରସିପ୍ ସମ୍ପର୍କରେ ଅଧିକୃତ ଘୋଷଣା କରିବେ। ଏହା ସହିତ ଓଡ଼ିଶାର ଯୁବକମାନେ କିପରି ଜାପାନରେ ଅଧିକ ନିଯୁକ୍ତି ପାଇବେ, ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଆଗାମୀ ଦିନରେ ଜାପାନର ରିକ୍ରୁଟମେଣ୍ଟ ଏଜେନ୍ସି ମାନେ ଓଡ଼ିଶାରେ କାମ କରିବେ।



ଏହା ବ୍ୟତୀତ ଜାପାନ ଓ ଓଡ଼ିଶା ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଟେକ୍ନୋଲୋଜି ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ବୁଦ୍ଧିଷ୍ଟ ସର୍କିଟ୍ ଓ ଅନ୍ୟାନ୍ୟ ପ୍ରାକୃତିକ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହା ସହିତ ଶିକ୍ଷା କ୍ଷେତ୍ରରେ ସହଭାଗୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ।

## ଜାତୀୟ ରାଜପଥରେ ରୋକିବ ଦୁର୍ଘଟଣା

# ଗଠନ ହେବ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କଫୋର୍ସ

ଭୁବନେଶ୍ୱର,୨୦।୫(ସମିସ): ରାଜ୍ୟରେ ସମସ୍ତ ଜିଲ୍ଲାରେ ରାଜପଥ ସୁରକ୍ଷା ଟାସ୍କଫୋର୍ସ ଗଠନ ହେବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଏହି ଟାସ୍କଫୋର୍ସ ଗଠନ କରିବାକୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ଆଧାରରେ ରାଜ୍ୟର ଯେଉଁ ଜିଲ୍ଲାଗୁଡ଼ିକ ଦେଇ ଜାତୀୟ ରାଜପଥ ଅତିକ୍ରମ କରିଛି, ସେଠାରେ ଏହି ଟାସ୍କଫୋର୍ସ କାର୍ଯ୍ୟ କରିବ। ମୁଖ୍ୟତ ସଡ଼କ ଦୁର୍ଘଟଣା ହ୍ରାସକୁ ଗୁରୁତ୍ୱ ଦେବା ସହ ଏହା ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବ। ପ୍ରତି ଜିଲ୍ଲାରେ ଗଠନ ହେବାକୁ ଥିବା ଏହି ୮ ଜଣିଆ ଟାସ୍କଫୋର୍ସରେ ଜିଲ୍ଲାପାଳ ଅଧ୍ୟକ୍ଷ ରହିବେ। ଏହାସହିତ ଡେପୁଟି କମିସନର/ଏସ୍‌ପି ଏଥିରେ ଉପାଧ୍ୟକ୍ଷ ସହ ଏଡିଏମ୍ କିମ୍ବା ଜିଲ୍ଲାପାଳଙ୍କ ଦ୍ୱାରା ମନୋନିତ ଉପଜିଲ୍ଲାପାଳ ନୋଡାଲ ଅଫିସର ଭାବେ କାର୍ଯ୍ୟ କରିବେ। ଆର୍‌ଟିଓ କିମ୍ବା ଅତିରିକ୍ତ ଆରଟିଓ ଆବାହକ ସଦସ୍ୟ ଭାବେ କାର୍ଯ୍ୟ କରିବା ସହ ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ, ଏନ୍‌ଏଚ୍ ଙ୍କ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ପୌର ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତହସିଲଦାର ପ୍ରମୁଖ ସଦସ୍ୟ ଭାବେ ରହିବେ।

ଏହି ଟାସ୍କଫୋର୍ସ ଜାତୀୟ ରାଜପଥ ସୁରକ୍ଷା, ଜବରଦଖଲ ଉଚ୍ଛେଦ, ବେଆଇନ ପାର୍କିଂ ନିୟନ୍ତ୍ରଣ ସହ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକୁ କଡ଼ାକଡ଼ି କରିବ। ପ୍ରତି ମାସରେ ପରିବହନ କମିଶନରଙ୍କ ଦ୍ୱାରା

### ୮ ଜଣିଆ କମିଟିରେ ଅଧ୍ୟକ୍ଷ ରହିବେ ଜିଲ୍ଲାପାଳ

ନିଆଯାଇଥିବା ନିଷ୍ପତ୍ତି ଆଧାରରେ ଏହି ଟାସ୍କଫୋର୍ସ ସମୀକ୍ଷା ବୈଠକ କରିବ। ଏହି ଟାସ୍କଫୋର୍ସ ଜିଲ୍ଲା ଦେଇ ଯାଉଥିବା ସମସ୍ତ ଜାତୀୟ ରାଜପଥ ଅଞ୍ଚଳକୁ ନିରୀକ୍ଷଣ କରିବା ସହ ଟାସ୍କଫୋର୍ସ ସମସ୍ତ ଅନଧିକୃତ ଢାବା, ଗ୍ୟାରେଜ, ଦୋକାନ, ପାର୍କିଂ କ୍ଲଷ୍ଟର, ଅସ୍ଥାୟୀ ଭେଣ୍ଡିଂଜୋନ୍, ରାସ୍ତା ପାଶ୍ୱର୍ ବାଣିଜ୍ୟିକ ସଂରଚନା ଏବଂ ରାଜପଥ ସୁରକ୍ଷା ଜୋନ୍ ମଧ୍ୟରେ ଅନ୍ୟାନ୍ୟ ଜବରଦଖଲକୁ ଚିହ୍ନଟ କରିବ। ଟାସ୍କ ଫୋର୍ସ ଜାତୀୟ ରାଜପଥ ନିୟନ୍ତ୍ରଣ (ଜମି ଏବଂ ଟ୍ରାଫିକ) ଆଇନ, ୨୦୦୨ ଏବଂ ଏସଓପି ଅନୁଯାୟୀ ନୋଟିସ୍ ଏବଂ ଅପସାରଣ କାର୍ଯ୍ୟ ସୁନିଶ୍ଚିତ କରିବ। ଏହାସହ ରାଜପଥ ସୁରକ୍ଷା ଜୋନ୍ ମଧ୍ୟରେ ଥିବା ପ୍ରତିଷ୍ଠାନଗୁଡ଼ିକୁ ଦିଆଯାଇଥିବା ଲାଇସେନ୍ସ, ଏନଓସି କିମ୍ବା ବାଣିଜ୍ୟ ଅନୁମୋଦନ ସମୀକ୍ଷା କରିବ ଏବଂ ଏନଏଚଏଆଇ/ପିଡବ୍ଲୁ୍ୟଡି/ସମ୍ପୃକ୍ତ ସଡ଼କ ମାଲିକାନାରେ ଥିବା ଏଜେନ୍ସିର ପୂର୍ବ ଅନୁମୋଦନ ବିନା କୌଣସି ନୂତନ ଲାଇସେନ୍ସ/ଏନଓସି/ବାଣିଜ୍ୟ ଅନୁମୋଦନ ଓ ନାମଞ୍ଜୁର ଆଦି ସୁନିଶ୍ଚିତ କରିବ ବୋଲି ସ୍ଥିର ହୋଇଛି। ଜିଲ୍ଲା ସ୍ତରରେ ଏକ ସ୍ଥାୟୀ ଆନ୍ତଃବିଭାଗୀୟ ସମନ୍ୱୟ ବ୍ୟବସ୍ଥା ସୃଷ୍ଟି କରିବା ଦ୍ୱାରା ଜବରଦଖଲ, ରାସ୍ତାରେ ଅସୁରକ୍ଷିତ ଗତିବିଧି, ବେଆଇନ ପାର୍କିଂ ଏବଂ ଭିତ୍ତିଭୂମି ଅଭାବ ଯୋଗୁଁ ହେଉଥିବା ରାଜପଥ ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ଲକ୍ଷ୍ୟ ରହିଛି।

# +୨ ପରୀକ୍ଷା ଫଳାଫଳ

## କୃତୀ ଛାତ୍ରୀଛାତ୍ରଙ୍କୁ ଟେଟ୍ରାହେଡ୍ରନ୍ ପକ୍ଷରୁ ସମ୍ବର୍ଦ୍ଧନା, ପାସହାର ଶତପ୍ରତିଶତ



କଟକ,୨୦।୫(ସମିସ): ଓଡିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ ବିଜ୍ଞାନ, କଳା, ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶିତ ହୋଇଥିବାବେଳେ କଟକ ଜିଲ୍ଲା ଟାଙ୍ଗୀ ସ୍ଥିତ ଘରୋଇ ବିଜ୍ଞାନ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍ଷ୍ଟିଚ୍ୟୁସନର ଶତପ୍ରତିଶତ ସଫଳତା ହାସଲ କରିଛି। ସମୁଦାୟ ୧୧୬୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୪୪ଜଣ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩ ଜଣ ୯୮%ରୁ ଉର୍ଦ୍ଧ ନମ୍ବର ରଖି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ବର୍ଷା ପ୍ରିୟଦର୍ଶିନୀ ବରାଳ ସମୁଦାୟ ୫୯୪ନମ୍ବର ରଖି ଟେଟ୍ରାହେଡ୍ରନ୍ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଟପର ହୋଇଥିବାବେଳେ ଶୁଭଶ୍ରୀ ଦାସ ୫୯୩ନମ୍ବର ରଖି ୨ୟ ସ୍ଥାନ ଓ କୁମ୍ କୁମ୍ ପତି,ସାଇ ସୁରୁପା ତ୍ରିପାଠୀ, ପ୍ରଜ୍ଞା ପ୍ରଧାନ ସମାନ ୫୯୨ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟେଟ୍ରାହେଡ୍ରନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କମଲ କିରନ୍ ବାରିକ, ନିର୍ମଳ ପ୍ରଭାତ ଜେନା ଓ ରାଜେଶ କୁମାର ସାହୁ ୫୮୮ ନମ୍ବର ରଖି ୫୮୮ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ଅନୁଷ୍ଠାନର ୯୫ଜଣ ଛାତ୍ରଛାତ୍ରୀ ୯୫%, ୪୧୨ଜଣ ୮୮%, ୫୫୮ଜଣ ୮୫%, ୭୭୧ ଜଣ ୮୦%, ୯୪୮ଜଣ ୭୫% ଓ ୧୦୬୬ ଜଣ ୭୦% , ୧୧୪୪ ଜଣ ୬୦%ରୁ ନମ୍ବର ରଖି ପାସ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ୍ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଜ୍ଞାନରେ ଶକ୍ତି ରେସିଡେନ୍ସିଆଲ ସ୍କୁଲ ଛାତ୍ରଛାତ୍ରୀଙ୍କ ଚମତ୍କାର ସଫଳତା



କଟକ, ୨୦।୫(ସମିସ): ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ କଟକ ଲିଙ୍କରୋଡ୍ ସ୍ଥିତ ଶକ୍ତି ରେସିଡ଼େନ୍ସିଆଲ ସ୍କୁଲର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଚଳିତ ବର୍ଷ ସ୍କୁଲର ମେଧାବୀ

**ମଧୁମିତା ୫୯୮ ନମ୍ବର ରଖି ରାଜ୍ୟ ଟପ୍ପର**

ଛାତ୍ରୀ ମଧୁମିତା ସାହୁ ମୋଟ ୬୦୦ ନମ୍ବରରୁ ୫୯୮ ନମ୍ବର ରଖି ସମଗ୍ର ଅଞ୍ଚଳ ତଥା ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏହାସହିତ ଅନୁଷ୍ଠାନର ୨୭ ଜଣରୁ ଅଧିକ ଛାତ୍ରଛାତ୍ରୀ ୯୫%ରୁ ଅଧିକ ନମ୍ବର ରଖି ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଏହି ଅଭୁତପୂର୍ବ ସଫଳତା ସମ୍ପର୍କରେ କୃତୀ ଛାତ୍ରୀ ମଧୁମିତା ସାହୁ କହିଛନ୍ତି ଯେ, ନିୟମିତ ଅଧ୍ୟୟନ ଏବଂ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପଯୁକ୍ତ ମାର୍ଗଦର୍ଶନ ଯୋଗୁଁ ସେ ଏହି ସ୍ତରରେ ପହଞ୍ଚିପାରିଛନ୍ତି। ଏଥିପାଇଁ ତାଙ୍କ ପରିବାରର ଅବଦାନ ମଧ୍ୟ ଅତୁଳନୀୟ। ଅନୁଷ୍ଠାନର ଅଧ୍ୟକ୍ଷ ଶକ୍ତିପ୍ରସାଦ ବେହେରା ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ଓ ଅଧ୍ୟାପକମାନଙ୍କ ସଫଳ ନିଷ୍ଠାକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ପିଲାମାନେ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଦୃଢ଼ ଆଶା ପ୍ରକଟ କରିଛନ୍ତି।

# ବିଜ୍ଞାନରେ ସରସ୍ୱତୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଐତିହାସିକ ସଫଳତା

କଟକ, ୨୦।୫ ( ସମିସ) : +୨ ବିଜ୍ଞାନ ପରୀକ୍ଷାରେ ତ୍ରିଶୂଳିଆସ୍ଥିତ ସରସ୍ୱତୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୮୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୮୨ ଜଣ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ୯୯.୯୯% ପାସ୍ ହାର ହାସଲ କରିଛି।

**୭୦ ଜଣ ୯୦% ଉର୍ଦ୍ଧ୍ୱରେ, ସର୍ବାଧିକ ନମ୍ବର ୫୯୬**



ଏଥିରେ ସର୍ବାଧିକ ନମ୍ବର ୫୯୬ ରହିଥିବାବେଳେ ୭୦ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ୧୯୨ ଜଣ ଛାତ୍ରଛାତ୍ରୀ ୮୦%ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳାଫଳ ଅନୁଯାୟୀ ପ୍ରଥମ ଶ୍ରେଣୀରେ ୩୫୫ ଜଣ ଏବଂ ଦ୍ୱିତୀୟ ଶ୍ରେଣୀରେ ୨୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଚଳିତ ବର୍ଷ କୌଣସି ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି। ଏହି ଫଳାଫଳ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନ ଓ ଶୃଙ୍ଖଳିତ ଶୈକ୍ଷିକ ପରିବେଶର ଏକ ଉତ୍କୃଷ୍ଟ ନିଦର୍ଶନ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ୍ ଡଃ ଦେବଦତ୍ତ ସ୍ୱାଇଁ ସମସ୍ତ କୃତୀ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମଣ୍ଡଳୀଙ୍କୁ ଶୁଭେଚ୍ଛା ଜଣାଇ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଅଧ୍ୟାପକମାନଙ୍କ ସଠିକ୍ ମାର୍ଗଦର୍ଶନ ଫଳରେ ଏହା ସମ୍ଭବ ହୋଇଥିବା କହିଛନ୍ତି।

# ଭାରତର ସମ୍ପତ୍ତି ପରିଚାଳନା ଶିଳ୍ପର ପରିବର୍ତ୍ତିତ ଚେହେରା



ନୂଆଦିଲ୍ଲୀ,୨୦।୫: ଏକ ସମୟରେ ଭାରତରେ ବ୍ୟକ୍ତିଗତ ସମ୍ପତ୍ତି ପରିଚାଳନା ଏକ ଶିଳ୍ପ ନ ଥିଲା, ବରଂ ଏକ ସମ୍ପର୍କ-ଭିତ୍ତିକ ବ୍ୟବସାୟ ଥିଲା। ମୁମ୍ବାଇ, ଦିଲ୍ଲୀ ଏବଂ କୋଲକାତାର କିଛି ଶହ ବ୍ୟବସାୟିକ ପରିବାର ନିବେଶ ପରାମର୍ଶ ଉପରେ କମ୍ ଏବଂ ଉତ୍ପାଦ ବିକ୍ରୟ ଉପରେ ଅଧିକ ଧ୍ୟାନ ଦେଉଥିଲେ। ସେହି ସମୟରେ ପରିସରର ପରିସର ଏତିକି ଥିଲା। ସେବେଠାରୁ ଯେଉଁ ପରିବର୍ତ୍ତନ ଆସିଛି ତାହା ସାରଞ୍ଜନିକ ସ୍ତରରେ ହୋଇଛି। ଭାରତର ଜିଡିପି ୨୦୧୦ ରେ ୧.୬୭ ଟ୍ରିଲିୟନ ଡଲାର ଥିଲା, ଏବେ ୪.୧୫ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଏହି ସମାନ ସମୟ ମଧ୍ୟରେ ପ୍ରତି ମୁଣ୍ଡପିଛା ଆୟ ମଧ୍ୟ ପ୍ରାୟ ୪ଗୁଣ ବୃଦ୍ଧି ପାଇଛି, ବାର୍ଷିକ ୫୪,୦୦୦ ଟଙ୍କାରୁ ୨.୨ ଲକ୍ଷ ଟଙ୍କା। ଏହାର ଅର୍ଥ ହେଉଛି ପ୍ରଥମ ଥର ପାଇଁ, ଏକ ସମ୍ପୂର୍ଣ୍ଣ ପିଢ଼ି ଏପରି ଏକ ସମୟରେ ବଞ୍ଚୁଛି ଯେଉଁଠାରେ ସେମାନଙ୍କ ପାଖରେ ନିବେଶ ପାଇଁ ସଞ୍ଚୟ ଉପଲବ୍ଧ ଅଛି।ବଜାରର ଦିଗ ମୁଖ୍ୟତଃ ବିଦେଶୀ ନିବେଶକ କିମ୍ବା ଏଫ୍‌ଆଇଆଇଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଥିଲା। କିନ୍ତୁ ଏହି ପରିସ୍ଥିତି ଏବେ ସବୁଦିନ ପାଇଁ ବଦଳି ଯାଇଛି। ଏସ୍‌ଆଇପି ପ୍ରବାହ ପ୍ରତି ମାସରେ ୧୦୦୦ କୋଟିରୁ ବୃଦ୍ଧି ପାଇ ୩୦୦୦୦ କୋଟି ଟଙ୍କା ହୋଇଛି। ଗତ ବର୍ଷ, ଯେତେବେଳେ ବିଦେଶୀ ନିବେଶକମାନେ ବିକ୍ରୟ କରୁଥିଲେ, ଘରୋଇ ନିବେଶକ କିମ୍ବା ଡିଆଇଆଇ ମାନେ ପ୍ରାୟ ୬.୬ଲକ୍ଷ କୋଟିର ନିଟ୍ କ୍ରୟ କରିଥିଲେ। ବର୍ତ୍ତମାନ, ଭାରତୀୟ ବଜାରର ଶକ୍ତି ଶେଷରେ ଭାରତୀୟ ନିବେଶକଙ୍କ ହାତରେ ରହିଛି। ଭାରତରେ ୨୦୨୯ ସୁଦ୍ଧା ବ୍ୟକ୍ତିଗତ ସମ୍ପତ୍ତି ୨.୩ ଟ୍ରିଲିୟନ ଡଲାରରେ ପହଞ୍ଚିବ ଏବଂ ୨୦୩୦ ସୁଦ୍ଧା ୧ ନିୟୁତ ନୂତନ ଏଚ୍‌ଏନ୍‌ଆଇ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ପ୍ରକୃତ ପ୍ରଶ୍ନ ଏହି ଶିଳ୍ପ ବୃଦ୍ଧି ପାଇବ କି ନାହିଁ, ବରଂ ଏହା ହେବ କି ନାହିଁ। ପ୍ରଶ୍ନ ହେଉଛି ଏହା ପର୍ଯ୍ୟାପ୍ତ ଗତି ଏବଂ ସଚ୍ଚୋଟତା ସହିତ ଯେଉଁମାନଙ୍କର ସମ୍ପତ୍ତି ବାଜିରେ ଅଛି ସେମାନଙ୍କର ଆବଶ୍ୟକତା ପୂରଣ କରିପାରିବ କି ନାହିଁ। ଏହା ଏହି ଦଶକର ପ୍ରକୃତ କାର୍ଯ୍ୟ।

# ଗ୍ରୀଷ୍ମ ଅବକାଶରେ ଓକିଲ ଦିଆଯାଉ: ରିଅଲ୍ ଇଷ୍ଟେଟ୍ ବାର ଆସୋସିଏସନ୍

ଭୁବନେଶ୍ୱର,୨୦।୫(ସମିସ): ଚଳିତମାସ ୨୫ରୁ ଜୁନ୍ ୨୦ ଗ୍ରୀଷ୍ମ ଅବକାଶରେ ଓକିଲ ନିଯୁକ୍ତ କରିବା ପାଇଁ ରିଅଲ୍ ଇଷ୍ଟେଟ୍ ବାର ଆସୋସିଏସନ୍, ଓଡ଼ିଶା ପକ୍ଷରୁ ଓଡ଼ିଶା ରିଅଲ୍ ଇଷ୍ଟେଟ୍ ନିୟାମକ ପ୍ରାଧିକରଣର ଅଧ୍ୟକ୍ଷ ଏବଂ ଆଡଜିକ୍ୟୁଟେଟିଂ ଅଫିସରଙ୍କୁ ପତ୍ର ଲେଖି ଅନୁରୋଧ କରାଯାଇଛି। ଏ ନେଇ ରିଅଲ୍ ଇଷ୍ଟେଟ୍ ବାର ଆସୋସିଏସନ୍ର ସଦସ୍ୟମାନେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛନ୍ତି। ଆସୋସିଏସନ୍ର କହିବା ମୁତାବକ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମେ' ୨୫ରୁ ଜୁନ୍ ୨୦ ଗ୍ରୀଷ୍ମ ଅବକାଶ ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ ଅପିଲ୍ ଟ୍ରିବ୍ୟୁନାଲ୍ ଏବଂ ସିଭିଲ୍ କୋର୍ଟ ମଧ୍ୟ ଛୁଟି ରହିବ। ଫଳସ୍ୱରୂପ, ଏହି ମାନ୍ୟବର କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ପକ୍ଷମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଓକିଲମାନେ ନିୟମିତ ଶୁଣାଣି ଏବଂ ହାଜିରା ପାଇଁ ଉପଲବ୍ଧ ହେବେ ନାହିଁ। ତେଣୁ, ଉପରୋକ୍ତ ଗ୍ରୀଷ୍ମ ଅବକାଶ ପର୍ଯ୍ୟନ୍ତ ମାନ୍ୟବର କର୍ତ୍ତୃପକ୍ଷ ଏବଂ ବିଚାରକ ଅଧିକାରୀଙ୍କ ସମ୍ମୁଖରେ ରଖାଯାଇଥିବା ସମସ୍ତ ମାମଲା ଏବଂ ସିଡିଆର୍ ସେଲ୍ ଓରେରା ସମ୍ମୁଖରେ ପୋଷ୍ଟ କରାଯାଇଥିବା ମାମଲାଗୁଡ଼ିକରେ ଓକିଲ ଏବଂ ମକଦ୍ଦମାକାରୀ ଜନସାଧାରଣଙ୍କୁ ସାମିଲ କରିବାକୁ ରିଅଲ୍ ଇଷ୍ଟେଟ୍ ବାର ଆସୋସିଏସନ୍, ଓଡ଼ିଶାର ସାଧାରଣ ସମ୍ପାଦକ ଚନ୍ଦନ କୁମାର ମହାନ୍ତି କହିଛନ୍ତି।



# ଥରେ ବୁଡ଼ିଲା; ପୁଣି ୨୬ଲକ୍ଷ

- ‘ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀ’ର ହେବ ପୁନରୁଦ୍ଧାର
- ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ଗ୍ରାମବାସୀ

ଭୁବନେଶ୍ୱର, ୨୦।୫(ସମିସ)



ପାଚେରି ବାହାରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତର ଛାପ ବେଶ୍ ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି। ହେଲେ ଗେଟ୍ ଖୋଲି ଭିତରକୁ ଯିବା ପରେ ଦୁର୍ଗନ୍ଧ ସାଙ୍ଗକୁ ଦେଖିବାକୁ ମିଳିଛି ଆବର୍ଜନା ଭର୍ତ୍ତି ଜଳାଶୟ। ପାଦ ବୁଡ଼ାଇବା ତ ଦୂରର କଥା ନାକରେ ହାତ ଦେଇ ସେଠାରୁ ଚାଲିଆସୁଛନ୍ତି ଲୋକେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଜାତୀୟ ରାଜପଥ କଡ଼ରେ ଥିବା ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀରେ। ଏଠାରେ ରହିଥିବା ବହୁ ପୁରାତନ ପୁଷ୍କରିଣୀ ଏବେ ଆବର୍ଜନା କୁଣ୍ଡ ପାଲଟିଛି। ଏହି ପୁରାତନ ପୁଷ୍କରିଣୀର ପୁନରୁଦ୍ଧାର କରାଯିବାକୁ ପୁଣି ଥରେ ଖର୍ଚ୍ଚ ହେବ ୨୬ଲକ୍ଷ ଟଙ୍କା। ପୂର୍ବରୁ ମଧ୍ୟ ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାରୁ ୨୦ ଲକ୍ଷ ଟଙ୍କା ପାଣିରେ ବୁଡ଼ିଲା ବୋଲି କୁହାଯାଉଛି।

ସହର ମଧ୍ୟରେ ଗାଁର ଅନୁଭୂତି ଦେବାକୁ ବରମୁଣ୍ଡା ଜାତୀୟ ରାଜପଥ କଡ଼ରେ ନିର୍ମାଣ ହୋଇଥିଲା ‘ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀ’। ରକ୍ଷଣାବେକ୍ଷଣ ଅଭାବରୁ ମାଟିରେ ମିଶିବାକୁ ବସିଥିଲେ ବି ଏହାର ପୁନରୁଦ୍ଧାର ପାଇଁ ଟେଣ୍ଡର ହୋଇ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ୨୦୨୦ ମସିହା ଅକ୍ଟୋବର ମାସ ୧୯ ତାରିଖରେ ଏହି ପୁଷ୍କରିଣୀର ପୁନରୁଦ୍ଧାର କରାଯାଇଥିଲା। ପୂର୍ବରୁ ଏହା ରାସ୍ତାର ଅପରପାର୍ଶ୍ୱରେ ରହିଥିବା ବେଳେ ବରମୁଣ୍ଡା ଫ୍ଲାଏଓଭର ନିର୍ମାଣ ସମୟରେ ପୋଖରୀର ପୁନରୁଦ୍ଧାର କରାଯିବାକୁ ସ୍ଥାନୀୟ ଲୋକେ ଦାବୀ କରିବାରୁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଅପର ପାର୍ଶ୍ୱରେ ଏକ ପୋଖରୀ ନିର୍ମାଣ କରାଯାଇ ପୂର୍ବ ପୁଷ୍କରିଣୀ ଅନୁସାରେ ବରମୁଣ୍ଡା ଐତିହ୍ୟ ପୁଷ୍କରିଣୀ ରଖାଯାଇଥିଲା। ଏଥି ନିମନ୍ତେ ପର୍ଯ୍ୟଟନ ବିଭାଗ ଅର୍ଥରାଶି ଯୋଗାଇଥିଲା। ଏହି ପୁଷ୍କରିଣୀକୁ ଅତ୍ୟାଧୁନିକ ଭାବେ ନିର୍ମାଣ କରାଯିବାକୁ ୨୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଚାରିପାଖ ପାଚେରୀ ନିର୍ମାଣ ସହ ସେଥିରେ ଐତିହାସିକ କଥାବସ୍ତୁ ଉପରେ ଆଧାରିତ ଚିତ୍ର, ଜଳଜୀବମାନଙ୍କ ଚିତ୍ର କରାଯାଇ ବେଶ୍ ଆକର୍ଷଣୀୟ ହୋଇଥିବାରୁ ପ୍ରତ୍ୟେକ ପଥଚାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା ଏହି ପୁଷ୍କରୀଣୀ। ତେବେ ଦୀର୍ଘ ୪ବର୍ଷ ହେବ ପୁଷ୍କରିଣୀ ବ୍ୟବହାରଯୋଗ୍ୟ ହୋଇନଥିବାରୁ ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ଟେଣ୍ଡର ହୋଇ ମଧ୍ୟ ବିଏମ୍‌ସି ପାଖରେ ଅର୍ଥ ନଥିବାରୁ ତାହା କ୍ୟାନସଲ ହୋଇଥିବା ଜଣାପଡ଼ିଥିଲା। ତେବେ ପୁଣି ଥରେ ପୁଷ୍କରିଣୀକୁ ପୂର୍ବଭଳି ସୌନ୍ଦର୍ଯ୍ୟପୂର୍ଣ୍ଣ କରାଯିବ। ଏଥିପାଇଁ ୨୬ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବା ସୂଚନା ରହିଛି। ଏଠାରେ ବରମୁଣ୍ଡା ଗାଁ ଲୋକଙ୍କ ସମେତ ବରମୁଣ୍ଡା ବସଷ୍ଟାଣ୍ଡ ଯାତ୍ରୀ, ବସ୍ ଚାଳକମାନେ ଶୌଚ କରିବା ସହ ଗାଧୋଇଥାନ୍ତି। ଦଶାହ କାର୍ଯ୍ୟ କରାଯିବାକୁ ମଧ୍ୟ ସମସ୍ତ ବ୍ୟବସ୍ଥା ରହିଛି। ଏଥିରେ ମଟର ଲଗାଯାଇ ବୋରିଂ ଯୋଗେ ସ୍ୱଚ୍ଛ ପାଣି ଭର୍ତ୍ତି କରାଯିବା ସହ ଆବର୍ଜନା ପାଣି ନିଷ୍କାସନ କରାଯାଇଥାଏ। କିନ୍ତୁ, ବିଡ଼ମ୍ବନାର ବିଷୟ ୪ବର୍ଷ ହେବ ମଟର ଅଚଳ ସାଙ୍ଗକୁ ଆବର୍ଜନା ପାଣି ନିଷ୍କାସନ ହେଉ ନାହିଁ। ଫଳରେ ତାହା ଜମି ରହି ନଷ୍ଟ ହେଉଛି। ଦଶାହ କାର୍ଯ୍ୟ କରାଯିବା ପରେ ସେଠାରେ ମାଟି ହାଣ୍ଡି, ପୁରୁଣା ପୋଷାକ ମଧ୍ୟ ଗଦା ହୋଇ ରହିଛି। ଏନେଇ ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂହ କହିଛନ୍ତି ଯେ, ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ୨୬ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବା ବେଳେ ଚଳିତ ଜୁନ୍ ମାସରୁ କାମ ଆରମ୍ଭ ହେବ। ଏଥିରେ ପୁଷ୍କରିଣୀକୁ ପୁନର୍ବା।ର ଖୋଳାଯିବା ସହ ଜଳନିଷ୍କାସନ ପାଇଁ ବ୍ୟବସ୍ଥା, ଚାରିପାଖରେ ସୌନ୍ଦର୍ଯ୍ୟୀକରଣ, ଉଭୟ ପୁରୁଷ ଓ ମହିଳାମାନଙ୍କ ପାଇଁ ଶୌଚାଳୟ, ଏକାଦଶାହ କାର୍ଯ୍ୟ ପାଇଁ ସମସ୍ତ ବ୍ୟବସ୍ଥା ଆଦି କରାଯିବ। ଏହାସହ ପୁଷ୍କରିଣୀର ସୁରକ୍ଷା ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। ଏହାସହ ପୁଷ୍କରିଣୀର ରକ୍ଷଣାବେକ୍ଷଣ ନିମନ୍ତେ ଗ୍ରାମବାସୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଉକ୍ତ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରାଯିବ ବୋଲି କର୍ପୋରେଟର ଶ୍ରୀ ରଣସିଂହ କହିଛନ୍ତି।

## କେଭିଆଇସି ପକ୍ଷରୁ ‘ବିଶ୍ୱ ମହୁମାଛି ଦିବସ’



ଭୁବନେଶ୍ୱର, ୨୦।୫(ସମିସ): ଭାରତ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ ଅଧୀନସ୍ଥ ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପକ୍ଷରୁ ଭର୍ଚ୍ଚୁଆଲ ମାଧ୍ୟମରେ ‘ବିଶ୍ୱ ମହୁମାଛି ଦିବସ’ ପାଳିତ ହୋଇଯାଇଛି। କେଭିଆଇସିର ଅଧ୍ୟକ୍ଷ ମନୋଜ କୁମାର ନୂଆଦିଲ୍ଲୀର ଗାନ୍ଧୀ ଦର୍ଶନ କାର୍ଯ୍ୟାଳୟରୁ କେଭିଆଇସିର ଦେଶବ୍ୟାପୀ ସମସ୍ତ କାର୍ଯ୍ୟାଳୟ, ମହୁଚାଷୀ, ଲାଭାନ୍ୱିତ, ବୈଜ୍ଞାନିକ, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ସମ୍ବୋଧନ କରିବା ସହ ପୁଣେସ୍ଥିତ କେନ୍ଦ୍ରୀୟ ମହୁମାଛି ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ(ସିବିଆରଟିଆଇ)ରେ ଆୟୋଜିତ ‘ହନି ପ୍ରଦର୍ଶନୀ’କୁ ଉଦ୍‌ଘାଟନ କରିଛନ୍ତି। ହନି ମିଶନ ଅଧୀନରେ ୨୦୧୭-୧୮ରୁ ୨୦୨୫-୨୬ ପର୍ଯ୍ୟନ୍ତ ଦେଶବ୍ୟାପୀ ୨, ୨୬, ୦୦୯ଟି ମହୁବାକ୍ସ ଓ ମହୁମାଛି କଲୋନୀ ବଣ୍ଟନ କରାଯାଇଛି। ଫଳରେ ୨୪ହଜାର ୨୬୯ ମେଟ୍ରିକ ଟନ୍ ମହୁ ଉତ୍ପାଦନ ବୃଦ୍ଧି ପାଇଛି। ତେବେ ୨୦୨୫-୨୬ ମସିହାରେ ମହୁ ଉତ୍ପାଦନ ପ୍ରାୟ ୫ହଜାର ୫୧୨ ମେଟ୍ରିକ ଟନ୍‌କୁ ପହଞ୍ଚିଥିବା ବେଳେ ଉକ୍ତ ବର୍ଷରେ କେଭିଆଇସି ସହ ସମ୍ପୃକ୍ତ ମହୁଚାଷୀ ମାନେ ପ୍ରାୟ ୩୧ କୋଟି ଟଙ୍କାର ମହୁ ରପ୍ତାନି କରିଛନ୍ତି ବୋଲି ସେ କହିଛନ୍ତି।

## ଜୁନ୍ ୨ରେ ମା’ ସୁନାଦେଇ ୱାକର୍ସ କ୍ଲବର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୦।୫(ସମିସ): ମା’ ସୁନାଦେଇ ୱାକର୍ସ କ୍ଲବର ପ୍ରଥମ ବାର୍ଷିକ ଉତ୍ସବ ଆସନ୍ତା ଜୁନ୍ ୨ରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଓଡ଼ିଆ, ଆମ କଳା ସଂସ୍କୃତି ଭାରି ବଢ଼ିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୁଧବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ବିବେକାନନ୍ଦ ବାରିକ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଜ୍ୟୋତିପ୍ରକାଶ ମିଶ୍ର, ଉପଦେଷ୍ଟା ଶିବିର କୁମାର ପରିଡ଼ା, ସୁନାରାମ ସିଂହ, ଭଜକୃଷ୍ଣ ମହାନ୍ତି, ସମ୍ପାଦକ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କଳିଙ୍ଗ ଶିକ୍ଷା ସମାଜର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୨୦।୫(ସମିସ): କଳିଙ୍ଗ ଶିକ୍ଷା ସମାଜ, ନୂଆଦିଲ୍ଲୀ ତାର ୩୪ତମ ପ୍ରତିଷ୍ଠା ଦିବସ ରବିବାର ଦିଲ୍ଲୀସ୍ଥିତ ଜେଏନ୍‌ୟୁ ପ୍ରାଙ୍ଗଣରେ ଏସ୍‌ଏସ୍-୧ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ସେଥିରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ରବି ନାରାୟଣ ଆଚାର୍ଯ୍ୟ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଅଧୀନ ଡିଜି ସିସିଆର୍‌ଏଏସ୍ ବିଭାଗ, କଳିଙ୍ଗ ଶିକ୍ଷା ସମାଜର ସଭାପତି ପ୍ରଫେସର ବିସି ତ୍ରିପାଠୀ ଯୋଗ ଦେଇ ନିଜର ବକ୍ତବ୍ୟରେ ଆମେ ପ୍ରବାସୀ ଓଡିଆ ଘରେ ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ନିଜ ମାତୃଭାଷାରେ କଥା ହେବା ଉଚିତ ବୋଲି କହିଥିଲେ। ଏହି ଅବସରରେ କଳିଙ୍ଗ ଶିକ୍ଷା ସମାଜର ସ୍ମରଣିକା କଳିଙ୍ଗ-ଧାରା ୨୦୨୬ ଉନ୍ମୋଚିତ ହୋଇଥିଲା। କଳିଙ୍ଗ ଶିକ୍ଷା ସମାଜର ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସାହାପୁର୍‌ଜାଠସ୍ଥିତ ସର୍ବୋଦୟ ବିଦ୍ୟାଳୟରେ ୫ମ ପର୍ଯ୍ୟନ୍ତ ଓଡିଆ ଭାଷା ଶିଖାଇବା ସହିତ ଏବେ ମୁକ୍ତ ବେସିକ୍ କମ୍ପ୍ୟୁଟର ଓ ଇଂରାଜୀ ସ୍ପିକିଂ କ୍ଲାସ ମଧ୍ୟ ଆରମ୍ଭ କରାଇଛନ୍ତି। କଳିଙ୍ଗ ଶିକ୍ଷା ସମାଜର ଉପସଭାପତି ହିମାଂଶୁ କୁମାର ସାହୁ ଉପସ୍ଥିତ ଭଦ୍ର ମଣ୍ଡଳୀଙ୍କୁ ଧନ୍ୟବାଦ ଦେଇଥିଲେ। ସାହାପୁର୍‌ଜାଠସ୍ଥିତ ସର୍ବୋଦୟ ବିଦ୍ୟାଳୟର ୫ମ ଶ୍ରେଣୀରେ ପଢୁଥିବା ୫ ଜଣ ମେଧାବୀ ଓଡିଆ ଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ମୀନର୍ଭା ଦାସ ଓ ମମତା ଦାସ ଓଡିଆ ଭଜନ ମଧ୍ୟ ଗାଇଥିଲେ। କୁମାରୀ ସୁତାପା ଦାସ ସମ୍ବଲପୁରୀ ନୃତ୍ୟ କରିଥିଲେ। କୁମାରୀ ଅଭିପ୍‌ଶା ଦାଶ ଓଡିଶୀ ନୃତ୍ୟ ସହ ଡୁଟେ ମଧ୍ୟ ପରିବେଷଣ କରିଥିଲେ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଜେମ୍ସ କୁକ୍ ବିଶ୍ୱବିଦ୍ୟାଳୟର ପ୍ରତିନିଧିଙ୍କ ଆଲୋଚନା

ଭୁବନେଶ୍ୱର, ୨୦।୫(ସମିସ): ଅଷ୍ଟ୍ରେଲିଆର ପ୍ରତିଷ୍ଠିତ ଜେମ୍ସ କୁକ୍ ବିଶ୍ୱବିଦ୍ୟାଳୟର ଏକ ପ୍ରତିନିଧି ମଣ୍ଡଳୀ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ମିଳିତ ପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ କରିବା ସହ ଓଡ଼ିଶାରେ ଏକ ଅନ୍ତର୍ଜାତୀୟ କ୍ୟାମ୍ପସ ପ୍ରତିଷ୍ଠା ଦିଗରେ ସମ୍ଭାବନାକୁ ଅନୁଧ୍ୟାନ କରିବା ଏବଂ ଛାତ୍ର ଓ ଅଧ୍ୟାପକ ବିନିମୟ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ଆଲୋଚନା ହୋଇଛି। ଜେମ୍ସ କୁକ୍ ବିଶ୍ୱବିଦ୍ୟାଳୟ ଏବଂ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ସାମୁଦ୍ରିକ ଜୈବପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଓଡ଼ିଶାର ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏହି ବୈଠକରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ୍, ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଓୟୁଏଟିରେ ହେବ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ

ଭୁବନେଶ୍ୱର, ୨୦।୫(ସମିସ): ଚଳିତ ବର୍ଷ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ (ଓବିପିସି)ର ୨୭ତମ ଅଧିବେଶନ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ରେ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଓୟୁଏଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇ ଦିନିଆ ସମ୍ମିଳନୀ ଆସନ୍ତା ନଭେମ୍ବର ୧୩ ଓ ୧୪ ତାରିଖରେ ‘ନିରନ୍ତର କୃଷି ନିମନ୍ତେ ବିଜ୍ଞାନ’ ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ହେବ। ରାଜ୍ୟର କେତେକ ବୈଜ୍ଞାନିକଙ୍କୁ ମଧ୍ୟ ସମ୍ମିଳନୀରେ ସମ୍ମାନିତ କରାଯିବ। ଏହି ପରିପ୍ରେକ୍ଷୀରେ, ଓୟୁଏଟିର ପିଏମଇ ନିର୍ଦ୍ଦେଶକ ପ୍ରଫେସର ସୁଶାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କୃଷି ମହାବିଦ୍ୟାଳୟରେ ଆୟୋଜନ କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ପରାମର୍ଶଦାତା ତଥା ଓଇଏସ୍‌ର କାର୍ଯ୍ୟକାରୀ ସଭାପତି ପ୍ର. ଜୟକୃଷ୍ଣ ପାଣିଗ୍ରାହୀ, ସଂଯୋଜକ ପ୍ର. ସନ୍ଦୀପ ନାରାୟଣ କୁଣ୍ଡୁ, ସଂଗଠନ ସମ୍ପାଦକ ଡ. ପ୍ରଦୀପ କୁମାର ଜେନା, ଇଂ ମନୋରଞ୍ଜନ ମିଶ୍ର, ପ୍ର. ସିଏସକେ ମିଶ୍ର, ପ୍ର. ତୁଷାର ରଞ୍ଜନ ମହାନ୍ତି, ପ୍ର. ଉମାଶଙ୍କର ନାୟକ ଏବଂ ଡ. ସୁରଭି ଜୈନ ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ଚଳିତ ବର୍ଷ ମଧ୍ୟ ପାଞ୍ଚ ଶହରୁ ଅଧିକ ପ୍ରତିନିଧି କଂଗ୍ରେସରେ ଯୋଗଦେବାର ଯୋଜନା ରହିଛି ବୋଲି ପ୍ର. ପାଣିଗ୍ରାହୀ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।



## ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର



ଭୁବନେଶ୍ୱର, ୨୦।୫(ସମିସ): ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରୁ ଅନୁଷ୍ଠାନର ସଭାପତି ପୀତବାସ ରାଉତରାୟ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୀବନରେ ଜନ୍ ରସ୍କିନ୍, ଲିଓ ଟଲ୍‌ଷ୍ଟୟଙ୍କ ଭଳି ଲେଖକଙ୍କ ପୁସ୍ତକ ତଥା ରାମାୟଣ, ମହାଭାରତ ଓ ଭଗବତ ଗୀତାର ପ୍ରଭାବ ତାଙ୍କ ଜୀବନରେ କିପରି ପ୍ରଭାବ ପକାଇଥିଲା ସେ ବିଷୟରେ ଆଲୋକପାତ କରିଥିଲେ। ମନୋଜ କୁମାର ଜେନା, ନିଶାକର ରାଉତ, ସିଦ୍ଧାର୍ଥ କାନୁନ୍‌ଗୋ, ବୈରାଗୀ ଚରଣ ପଟ୍ଟନାୟକ, ମିନତା ଷଡ଼ଙ୍ଗୀ, ଡ. ଆରତି କର, ବିରଜା ପ୍ରସାଦ ଶତପଥୀ ପ୍ରମୁଖ ସଭାରେ ଭାଗ ନେଇଥିଲେ। ପ୍ରାରମ୍ଭରୁ ସ୍ୱାଗତ ଭାଷଣ ଦେଇଥିଲେ ପରିଚାଳକ ରମାକାନ୍ତ ମିଶ୍ର ଓ ଧନ୍ୟବାଦ ପ୍ରଦାନ କରିଥିଲେ ସୁକାନ୍ତ ପ୍ରଧାନ। ସଭା ଆରମ୍ଭରୁ ପୂର୍ଣ୍ଣଚନ୍ଦ୍ର ଶାସନୀ ଓ ସମିତ କୁମାର ରାଉତ ଭଜନ ପରିବେଷଣ କରିଥିଲେ।

## ସୋଆରେ ଅତ୍ୟାଧୁନିକ ୪-କଲର ଅଫ୍‌ସେଟ ପ୍ରେସ୍



ଭୁବନେଶ୍ୱର, ୨୦।୫(ସମିସ): ସୋଆ ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥାପିତ ପ୍ରେସ୍‌ରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ୪-କଲର ୨୯ ଇଞ୍ଚ ସିଟ୍‌ଫେଡ୍ ଅଫ୍‌ସେଟ ପ୍ରେସ୍ ‘କୋମୋରି ଏନ୍‌ଥ୍ରୋନ୍ ଜି-୨୯’କୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ବୁଧବାର ଶୁଭାରମ୍ଭ କରିଛନ୍ତି। ବିଶ୍ୱବିଦ୍ୟାଳୟର ଆବଶ୍ୟକତାକୁ ପୂରଣ କରିବାରେ ଖୁବ୍ ଉପଯୋଗୀ ହୋଇପାରିବ ବୋଲି ସୋଆ ପ୍ରେସ୍‌ର ମ୍ୟାନେଜର ସଞ୍ଜୀବ ପଟ୍ଟନାୟକ କହିଛନ୍ତି। ଏହି ପ୍ରିଣ୍ଟିଂ ପ୍ରେସ୍ ଦ୍ୱାରା ଜର୍ନାଲ୍, ବ୍ରୋସିୟର, ପୁସ୍ତକ, ନ୍ୟୁଜ ବୁଲେଟିନ୍, କ୍ୟାଲେଣ୍ଡର ଏବଂ ଅନ୍ୟାନ୍ୟ ପ୍ରିଣ୍ଟିଂ ମ୍ୟାଟେରିଆଲ୍ ଛାପିବାରେ ସହାୟକ ହୋଇପାରିବ।

### ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା

## ମନ୍ତ୍ରୀ ଓ ବିଜେପି ନେତ୍ରୀଙ୍କ କୁଶପୁତ୍ତଳିକା ଦାହ

ଭୁବନେଶ୍ୱର ୨୦।୫(ସମିସ): ଅଖିଳ ଭାରତ ଛାତ୍ରସଂଘ (ଏଆଇଏସ୍‌ଏଫ) ଭୁବନେଶ୍ୱର ଶାଖା କମିଟି ପକ୍ଷରୁ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଅପରାଧୀଙ୍କୁ କଠୋର ଦଣ୍ଡ ସହ ଅପାରଗ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବୁଧବାର ରାଜମହଲ ଛକଠାରେ ଶାଖା ସମ୍ପାଦକ ଲେନିନ୍ ଜେନାଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଓ ରାସ୍ତାରୋକୋ ଅନୁଷ୍ଠିତ ହୋଇଯାଇଛି। ଏଆଇଏସ୍‌ଏଫ ଛାତ୍ରଛାତ୍ରୀମାନେ ଭଗବତୀ ଭବନଠାରୁ ବିଭିନ୍ନ ସ୍ଲୋଗାନ ଦେଇ ହାତରେ ପ୍ଲାକାର୍ଡ ଓ ଫେଷ୍ଟୁନ ଧରି ରାଜମହଲ ଛକଠାରେ ପହଞ୍ଚି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ହତ୍ୟାକାରୀ ବିଜେପି ନେତ୍ରୀ ଡ. ନିବେଦିତା ଗଜାନନ ଏକବୋଟେଙ୍କ କୁଶ ପୁତ୍ତଳିକା ଦାହ ସହ ବିକ୍ଷୋଭ ଓ ରାସ୍ତା ରୋକୋ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ବିଜେପି ସରକାର ୨୦୨୪ ମସିହା ନିଟ୍ ଅଣ୍ଡର ଗ୍ରାଜୁଏଟ୍ ପରୀକ୍ଷାର ପ୍ରଥମ ପେପର ବାତିଲ କରିବା, ପୁନର୍ବାର ୨୦୨୬ ମସିହାରେ ବ୍ୟବସାୟ ଉଦ୍ଦେଶ୍ୟ ରଖି ୨୨.୭୯ ଲକ୍ଷ ପିଲା ଯେଉଁଭଳି ଚାପଗ୍ରସ୍ତ ହୋଇ ଏହି ଜୀବନ-ମରଣ ପରୀକ୍ଷା ପାଇଁ ରାତିଦିନ ପରିଶ୍ରମ କଲେ ସରକାର ଓ ଏନଟିଏ ସଂସ୍ଥା ଏହାକୁ ଷଡ଼ଯନ୍ତ୍ର କରି ଐତିହାସିକ ଓ ଅକ୍ଷମଣୀୟ ଭୁଲ୍ କରି ଛାତ୍ରଛାତ୍ରୀଙ୍କ ଜୀବନକୁ ଅନ୍ଧାର ଭିତରକୁ ଠେଲିଦେଇଛନ୍ତି ତାହାକୁ ତୀବ୍ର ସମାଲୋଚନା କରିଥିଲେ। ସରକାର ତୁରନ୍ତ ବିଜେପି ନେତାଙ୍କ ଦ୍ୱାରା ପରିଚାଳିତ ଏନଟିଏ ସଂସ୍ଥା (ଯାହା ପୂର୍ବରୁ ପରୀକ୍ଷା କରି ୭୦ଥର ବିଭାଟ କରିସାରିଛି।) ବନ୍ଦ କରିବା, ପୂର୍ବ ପରି ଯୁକ୍ତ ଦୁଇ ବିଜ୍ଞାନ ମାର୍କ ଆଧାରରେ ବିଭିନ୍ନ ରାଜ୍ୟରେ ମାର୍କକୁ ନେଇ ପୂର୍ବ ଭଳି ଆଡମିଶନକୁ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦର୍ଶୀ ଜେନା, ସାଇରାମ ଜେନା, ପୂଜା ଭୋଇ ପ୍ରମୁଖ ବିକ୍ଷୋଭ ଓ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଜୟଦେବ ଓକିଲ ସଂଘର ବାର୍ଷିକ ବୈଠକ

ବାଲିଅନ୍ତା, ୨୦।୫(ସମିସ): ଜୟଦେବ ଓକିଲ ସଂଘର ବାର୍ଷିକ ବୈଠକ ଉତ୍ସବ ବାଲିଅନ୍ତା ଭୁବନପୁର ଅଞ୍ଚଳର ଆରାଧ୍ୟା ଦେବୀ ମା ଉତ୍ତରମୁଖୀ ଠାକୁରାଣୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଭୂତି ଭୂଷଣ ମର୍ଦ୍ଦରାଜ ରାୟଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଶତାଧିକ ଓକିଲ ବନ୍ଧୁ ଯୋଗଦେଇ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ତରଫରୁ ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ସଭାପତି ଅଶୋକ ଛୋଟରାୟ, ସମ୍ପାଦକ ସୁମନ ରାଉତରାୟ ଓ ସ୍ଥାନୀୟ ସରପଞ୍ଚ ଓକିଲ କୃଷ୍ଣ କେଶବ ଆପଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ର ବରିଷ୍ଠ ସଦସ୍ୟ ରାଜ କିଶୋର ମହାନ୍ତି, ଦିଲ୍ଲୀପ କୁମାର ଓଝା, ବିନୋଦ ସାହୁ, ଅଶୋକ ରାଉତରାୟ, ଅମରେନ୍ଦ୍ର ମହାନ୍ତି, ମନୋଜ ନାୟକ, ତାପସ ଦାସ, ରଶ୍ମୀ ରଞ୍ଜନ ମହାନ୍ତି ପ୍ରମୁଖ ବିଭିନ୍ନ ପରାମର୍ଶ ଦେଇଥିଲେ। ଶକ୍ତି ପ୍ରସାଦ ଛୋଟରାୟ, ଜଗଦୀଶ ବେହେରା, ଦୀପକ ଆଚାର୍ଯ୍ୟ, ଲିଙ୍ଗରାଜ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପସଭାପତି ଚିତ୍ତ ରଞ୍ଜନ ରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଯୁକ୍ତ ଦୁଇ ଫଳାଫଳ ପ୍ରକାଶ ପରେ ଉତ୍ସାହିତ ଛାତ୍ରଛାତ୍ରୀ

## ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ଶତପ୍ରତିଶତ ସଫଳତା



ଭୁବନେଶ୍ୱର, ୨୦।୫(ସମିସ): ହାଇଟେକ୍ ଯୁକ୍ତ ଦୁଇ ବିଜ୍ଞାନ ବାଣିଜ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ +୨ ପରୀକ୍ଷାରେ ଅଭୁତପୂର୍ବ ସଫଳତା ପାଇଛନ୍ତି। ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଲେଜର ୯୭ ପ୍ରତିଶତ ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫ଜଣ ପିଲା ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ସାହୁ ଓ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ତାଙ୍କ ନିଷ୍ଠାପର ମନୋଭାବ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହୋଇପାରିଥିବା କହିଛନ୍ତି। ଏହାସହ ସମସ୍ତ କୃତୀ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## +୨ ବିଜ୍ଞାନରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ +୨ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ବିଜ୍ଞାନରେ ମୋଟ ୨୪୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୪୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୨୧୮ (୯୨%) ପିଲା ପ୍ରଥମ ଶ୍ରେଣୀ ଓ ୧୯ (୭.୭୨%) ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ୮ଜଣ ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୪୮ ଜଣ ୫୦୦ରୁ ଅଧିକ ଓ ୬୪ ଜଣ ୮୦%ରୁ ଅଧିମ୍ମାର୍କ ରଖିଛନ୍ତି। ସସ୍ମିତା ମାଝୀ ସର୍ବାଧିକ ୫୬୬ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ସଫଳତା ପରେ ଅଧ୍ୟକ୍ଷ ପ୍ରଫେସର ଉଦୟଶଙ୍କର ଆଚାର୍ଯ୍ୟ ଓ ଅନୁଷ୍ଠାନର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତ ରଞ୍ଜନ ମିଶ୍ର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କିସ୍ ଛାତ୍ରଛାତ୍ରୀଙ୍କ ବାଜିମାତ୍



ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ସନ୍ତୋଷଜନକ ସଫଳତା ହାସଲ କରିଛନ୍ତି। ରାଜ୍ୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପାସ୍ ହାର ଯଥାକ୍ରମେ ୮୪.୫୦, ୮୮.୮୦ ଓ ୮୮.୦୭ ପ୍ରତିଶତ ଥିବା ବେଳେ କିସ୍‌ର ପାସ ହାର ଆଶାନୁରୂପ ରହିଛି। ଚଳିତବର୍ଷ କିସ୍‌ରେ ୧୮୪୭ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଥିବା ବେଳେ କିସ୍‌ରେ ମୋଟ ୫୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ନେହା କୁଜୁର କଳାରେ ସର୍ବାଧିକ ୯୧ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ସରିବାଳା ମୁଣ୍ଡା ସର୍ବାଧିକ ୯୬ ପ୍ରତିଶତ ନମ୍ବର ଓ ବାଣିଜ୍ୟରେ ଶଶିମଣୀ ମାଝୀ ସର୍ବାଧିକ ୯୧ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଶିଶୁ ଅନନ୍ତ ମହାବିଦ୍ୟାଳୟର +୨ ପରୀକ୍ଷାରେ ସଫଳତା

ବାଲିପାଟଣା, ୨୦।୫ (ସମିସ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର +୨ ପରୀକ୍ଷାରେ ବାଲିପାଟଣା ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶିଶୁ ଅନନ୍ତ ମହାବିଦ୍ୟାଳୟ ଅଭୂତପୂର୍ବ ସଫଳତା ହାସଲ କରି ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ମହାବିଦ୍ୟାଳୟର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପରୀକ୍ଷାର୍ଥୀମାନେ ଚମତ୍କାର ପ୍ରଦର୍ଶନ କରି ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଚଳିତ ବର୍ଷ କଲେଜ ପକ୍ଷରୁ ମୋଟ ୪୮୭ ପରୀକ୍ଷାର୍ଥୀ +୨ରେ ପରୀକ୍ଷା ଦେଇଥିବା ବେଳେ ୪୨୧ ଜଣ କୃତକାର୍ଯ୍ୟ ହୋଇଛନ୍ତି, ପାସ୍ ହାର ୮୬.୪୫ ରହିଛି। ବିଜ୍ଞାନ ବିଭାଗରେ ସୁନୀଲ ସାହୁ ୫୩୬ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲକ୍ଷ୍ମୀପ୍ରିୟା ପ୍ରଧାନ(୫୩୧) ରଖି ଦ୍ୱିତୀୟ, ସ୍ୱସ୍ତିକ ପ୍ରିୟଦର୍ଶନ ବେହେରା(୫୨୧) ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ବାଣିଜ୍ୟରେ ରଶ୍ମିତା ନନ୍ଦି ୫୩୦ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶୁଭମ୍ ପ୍ରଧାନ(୫୦୪) ଦ୍ୱିତୀୟ, ସ୍ୱର୍ଣ୍ଣଶ୍ରୀ ଶୁଭସନ୍ଧ୍ୟା(୪୯୨) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଳାରେ କୀର୍ତ୍ତିମୟୀ ବେହେରା ୫୨୪ ରଖି ପ୍ରଥମ ସ୍ଥାନ ଅଧିକ କରିଥିବା ବେଳେ ସାଗରିକା ବେହେରା (୫୧୮) ଦ୍ୱିତୀୟ, ସୁହାଶିନୀ ପରିଡ଼ା(୫୧୬) ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଲେଜର ଏହି ସଫଳତା ସ୍ଥାନୀୟ ଅଞ୍ଚଳରେ ଏକ ଉତ୍ସାହର ପରିବେଶ ସୃଷ୍ଟି କରିଛି।

